# ପିଲାଙ୍କ ଧରିତ୍ରୀ

ଶନିବାର, ୨୫ ମାର୍ଚ୍ଚ, ୨୦୨୩



୬ କହିଲ ଦେଖ୍

୮ ଆଇନା

୭ ଜଣା ଅଜଣା





୩



# ଖିଲି ଖିଲି ହସ

ମାଆ ଝିଅକୁ କହିଲେ- ଝିଅ, କରେଣ୍ଟ ପଳାଇଲା ; ଏବେ ଲ୍ୟାମ୍ପଟା ଟିକେ ଜଳାଇଦେ। କିଛି ସମୟ ପରେ ଝିଅ ପାଖକୁ ଆସିବାର ଦେଖି ମାଆ ପଚାରିଲେ- ଲ୍ୟାମ୍ପ ଜଳାଇଦେଲୁ ? ଝିଅ- ମା, ତୁମେ ଯେବେଠୁ କହିଲ ସେତେବେଳଠୁ ମୁଁ ଚୁଲିରେ ପକାଇଦେଇଛି ତାହା ଏବେ ପୋଡ଼ି ପାଉଁଶ ହୋଇଯିବଣି।

ବିଜ୍ଞାପନରେ ଦେଖାଯାଉଥିବା ମା'ମାନେ କେତେ ଭଲ ! କାରଣ ପିଲାମାନେ କପଡ଼ାକୁ ଅପରିଷ୍କାର କରିଥିଲେ ଏମାନେ ହସି ହସି ସଫା କରନ୍ତି। ହେଲେ ଆମେ ଯେତେବେଳେ କପଡ଼ା ଅସନା କରି ଘରକୁ ଆସୁ ପ୍ରଥମେ ମା' ଆଗ ଗାଲରେ ଥୁଏ, ପରେ କପଡ଼ା ଧୁଏ।

ଦିନେ ଜଣେ ପିଲା ହଜିଗଲା। ତା'ର ଗୋଟେ ଫଟୋ କିଏ ହ୍ୱାଟ୍ସଆପ୍‌ରେ ପକାଇଦେଲା। ସମସ୍ତଙ୍କୁ କୁହାଗଲା ଏହାକୁ ଅଧିକରୁ ଅଧିକ ଶେୟାର କର। ତା' ପରଦିନ ପିଲା ଘରେ ଆସି ପହଞ୍ଚିଲା। କିନ୍ତୁ ଏବେ ସେଇ ଫଟୋଟିକୁ ଏପର୍ଯ୍ୟନ୍ତ ବି ଶେୟାର କରାଯାଉଛି। ତେବେ ସେ ପିଲା ଯେଉଁଠିକି ଯାଉଛି ଲୋକେ ତାକୁ ଖୋଜିକି ଆଣି ଘରେ ଛାଡ଼ି ଦେଉଛନ୍ତି।



# ଶିକ୍ଷା ସବୁଠାରୁ ବଡ଼ ଧନ

## ଗପ

ଜଣେ ରାଜା ଥିଲେ। ସେ ପଶୁ ପକ୍ଷୀମାନଙ୍କୁ ବହୁତ ଭଲ ପାଉଥିଲେ। ପଶୁ ଓ ପକ୍ଷୀମାନଙ୍କୁ ଦେଖିବାକୁ ଦିନେ ରାଜା ଜଙ୍ଗଲକୁ ଯାଇଥିଲେ। ହଠାତ୍ ଅରଣ୍ୟରେ ପ୍ରବଳ ବର୍ଷା ଆସିଗଲା। ବର୍ଷା ହେତୁ ରାଜା ରାସ୍ତା ଭୁଲିଗଲେ।

ରାସ୍ତା ଖୋଜୁ ଖୋଜୁ ରାଜାଙ୍କୁ କ୍ଷୁଧା ଲାଗିଲା। କ୍ଷୁଧା ଏବଂ ଥକ୍କାପଣରୁ ରାଜା କ୍ଲାନ୍ତ ହୋଇ ଏକ ବଡ଼ ଗଛତଳେ ବିଶ୍ରାମ ନେଉଥିଲେ। ରାଜା ଦେଖିଲେ ବିପରୀତ ଦିଗରୁ ତିନି ଜଣ ପିଲା ଆସୁଛନ୍ତି। ରାଜା ସେମାନଙ୍କୁ ସ୍ନେହପୂର୍ଣ୍ଣ ସ୍ୱରରେ ଡାକିଲେ- ପିଲାମାନେ, ଏଠାକୁ ଆସ ! ମୋ କଥା ଟିକେ ଶୁଣ। ତିନୋଟିଯାକ ପିଲା ହସି ହସି ରାଜାଙ୍କ ନିକଟକୁ ଗଲେ। ତା'ପରେ ରାଜା କହିଲେ- ମୁଁ ବହୁତ କ୍ଲାନ୍ତ ଏବଂ ଭୋକିଲା, ଶୋଷିଲା। ମୋତେ କିଛି ଖାଦ୍ୟ ଏବଂ ଜଳ ଦେଇପାରିବ କି? ପିଲାମାନେ କହିଲେ- ଆମ ଘର ଏ ପାଖରେ ଅଛି। ଆମେ ଆପଣଙ୍କ ପାଇଁ ଖାଦ୍ୟ ଏବଂ ପାଣି ଆଣିବାକୁ ଯାଉଛୁ, ଆପଣ ଟିକିଏ ଅପେକ୍ଷା କରନ୍ତୁ। ତିନିଜଣଯାକ ପିଲା ଦୌଡ଼ିଯାଇ ରାଜାଙ୍କ ପାଇଁ ଖାଦ୍ୟ ଓ ପାଣି ଆଣିଲେ। ପିଲାମାନଙ୍କ ଆଚରଣରେ ରାଜା ଅତ୍ୟନ୍ତ ସନ୍ତୁଷ୍ଟ ହୋଇ କହିଲେ- ପିଲାମାନେ ! ତୁମେ ମୋର ଭୋକ ଓ ଶୋଷ ମେଣ୍ଟାଇଲ। ମୁଁ ତୁମମାନଙ୍କୁ କିଛି ପୁରସ୍କାର ଦେବାକୁ ଇଚ୍ଛା କରୁଛି।

ପିଲାମାନେ, ତୁମେ କୁହ କିଏ କ'ଣ ନେବାକୁ ଇଚ୍ଛା କରୁଛ ? କିଛି ସମୟ ଚିନ୍ତା କରିବା ପରେ ଜଣେ ପିଲା କହିଲା- ମହାରାଜ ! ମୋତେ ଏକ ବଡ଼ ବଙ୍ଗଳା ଏବଂ କାର ଦେଇପାରିବେ କି ? ରାଜା କହିଲେ- ଠିକ୍ ଅଛି। ଦ୍ୱିତୀୟ ପିଲାଟିକୁ ପଚାରିଲେ- ତୁମେ କ'ଣ ଇଚ୍ଛା କରୁଛ ? ସେ କହିଲା- ମୁଁ ବହୁତ ଗରିବ। ତେଣୁ ମୁଁ କିଛି ଟଙ୍କା ଇଚ୍ଛା କରୁଅଛି, ଯଦ୍ଦ୍ୱାରା କି ମୁଁ ଭଲ ଖାଇପାରେ ; ଭଲ ପୋଷାକ ପିନ୍ଧିପାରେ। ରାଜା ହସି ହସି କହିଲେ- ଠିକ୍ ଅଛି। ତୃତୀୟ ପିଲାଟି ଚୁପ୍‌ଚାପ୍ ଥିଲା। ରାଜା ପଚାରିଲେ- ତୁମର ଇଚ୍ଛା କ'ଣ କୁହ ? ତୃତୀୟ ପିଲା କହିଲା- ମହାରାଜ ! ମୋର ସ୍ୱପ୍ନକୁ ଆପଣ ପୂରଣ କରିପାରିବେ କି ? ରାଜା କହିଲେ- କୁହ ତୁମର ସ୍ୱପ୍ନ କ'ଣ ? ମୁଁ ଟଙ୍କା ଚାହେଁ ନାହିଁ କି ବଙ୍ଗଳା, ଗାଡି ଇଚ୍ଛା କରେ ନାହିଁ। ମୋର ସ୍ୱପ୍ନ ହେଉଛି ପାଠ ପଢ଼ି ଶିକ୍ଷିତ ହେବା, ଜ୍ଞାନୀ ଏବଂ ଭଲ ମଣିଷ ହେବା। ଆପଣ ମୋ ପାଇଁ ସେତକ କରିପାରିବେ ତ ? ତୃତୀୟ ପିଲାଟି କଥା ଶୁଣି ରାଜା ବହୁତ ଖୁସି ହେଲେ। ରାଜା ତା'ର ପଢ଼ିବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରିଦେଲେ। ସେ ଜଣେ ପରିଶ୍ରମୀ ଓ ମେଧାବୀ ବାଳକ ଥିଲା। ସେ ଦିନରାତି ଉତ୍ସର୍ଗୀକୃତ ଭାବରେ ଅଧ୍ୟୟନ କରୁଥିଲା। ସେ ଶ୍ରେଣୀଗୃହରେ ପ୍ରଥମ ସ୍ଥାନ ଅଧିକାର କରୁଥିଲା। ଏପରି ସମୟ ଆସିଲା ସେ ଶିକ୍ଷିତ ଓ ପଣ୍ଡିତ ହୋଇ ରାଜାଙ୍କ ମନ୍ତ୍ରୀ ପରିଷଦରେ ମନ୍ତ୍ରୀ ହେଲା। ନିଜର ଦକ୍ଷତା ଏବଂ ବୁଦ୍ଧି ବଳରେ ସେ ସମସ୍ତଙ୍କର ପ୍ରିୟପାତ୍ର ହେଲା। ଅନ୍ୟ ଦୁଇଜଣ ଯିଏ ରାଜାଙ୍କଠାରୁ ବଙ୍ଗଳା ଏବଂ କାର ମାଗିଥିଲେ, ହଠାତ୍ ବାତ୍ୟାରେ ଘର ଭାଙ୍ଗିଗଲା ଏବଂ କାର୍ ନଷ୍ଟ ହୋଇଗଲା। ଦ୍ୱିତୀୟ ପିଲାଟି ପରିଶ୍ରମ ନ କରି ଟଙ୍କାକୁ ଉପଭୋଗ କଲା। ତେଣୁ କିଛି ବର୍ଷ ପରେ ତା ଧନ ସରିଗଲା। କିନ୍ତୁ ପାଠ ପଢି ମନ୍ତ୍ରୀ ହୋଇଥିବା ପିଲାଟି ବେଶ୍ ଖୁସିରେ ଥିଲା। ତେଣୁ ଟଙ୍କା, ବଙ୍ଗଳା, କାର ଏସବୁ ଚିରସ୍ଥାୟୀ ନୁହେଁ। ଶିକ୍ଷା ହେଉଛି ଆମର ସବୁଠାରୁ ବଡ଼ ସମ୍ପତ୍ତି ଏବଂ ଚିରସ୍ଥାୟୀ। ଆମେ ଶିକ୍ଷା ଦ୍ୱାରା ଧନୀ ହେବା ଉଚିତ୍। ତେଣୁ କୁହାଯାଏ- ''ଶିକ୍ଷା ହେଉଛି ସବୁଠାରୁ ବଡ଼ ଧନ, ଯାହାକୁ କେହି ଚୋରି କରିପାରିବେ ନାହିଁ କି ଦାନ ଦେଲେ ସରିବ ନାହିଁ''।

**-ଲଳିତ ମୋହନ ମିଶ୍ର**
ନୟାଗଡ଼, ମୋ: ୯୪୩୭୯୮୪୮୬୬

ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

# ମତାମତ

❖ ଅଲ୍‌ଟରନେଟିଂ କରେଣ୍ଟର ଆବିଷ୍କାରକ 'ନିକୋଲା ଟେସ୍‌ଲା'ଙ୍କ ବିଷୟରେ କିଛି ରୋଚକ କଥା ଜାଣିବାକୁ ପାଇଲି।

– **ଅନିମେଷ ଆଚାର୍ଯ୍ୟ,** ବେଗୁନିଆ, ଖୋର୍ଦ୍ଧା

❖ ପ୍ରଚ୍ଛଦ ପ୍ରସଙ୍ଗ 'ପିଲା ଓ କାର୍ଟୁନ' ବିଷୟଟି ପଢ଼ିବାକୁ ଭଲ ଲାଗିଲା। ପିଲାଙ୍କ ପାଇଁ ଆଧ୍ୟାତ୍ମିକ କାହାଣୀ ଏବଂ ସ୍ପୋକନ୍ ଇଂଲିଶ୍ ଶିଖିବା ଭଳି କାର୍ଟୁନ ବେଶ୍ ଉପଯୋଗୀ ବୋଲି ଜାଣିଲି।

– **ଇତିଶ୍ରୀ ସ୍ୱାଇଁ,** ବରୀ, ଯାଜପୁର

❖ 'ତୁମ ତୂଳୀରୁ' ସ୍ତମ୍ଭରେ କୁନି କୁନି ପିଲାଙ୍କ ସ୍ଥାନ ପାଇଥିବା ଚିତ୍ରଗୁଡ଼ିକ ସୁନ୍ଦର ହୋଇଛି।

– **ଶର୍ମିଷ୍ଠା ଦାସ,** ସନ୍ଥପଡ଼ା, ତାଳଚେର

## ରଙ୍ଗ ଦିଅ



# ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com



# ଫ୍ରିଜ୍ ପାଣି ପିଉଥିଲେ...

**ଖରାଦିନେ ଥଣ୍ଡାପାଣି ପିଇବାକୁ ବହୁତ ଭଲ ଲାଗେ। ତେଣୁ ପିଲାଏ ଗମ୍ ଗମ୍ ଝାଳ ବହୁଥିବାବେଳେ ଫ୍ରିଜ୍‌ରୁ ଥଣ୍ଡାପାଣି କାଢ଼ି ପିଇଦିଅନ୍ତି। ଏହା ଶୋଷ ତ ମେଣ୍ଟାଇଥାଏ, ତା'ସହିତ ବିଭିନ୍ନ ରୋଗକୁ ଡାକି ବି ଆଣିଥାଏ।**

▶▶ ବାହାରୁ ଆସି ସାଙ୍ଗେ ସାଙ୍ଗେ ଥଣ୍ଡାପାଣି ପିଇବା ଦ୍ୱାରା ଆମ ରକ୍ତନଳୀ ସଙ୍କୁଚିତ ହୋଇଯାଏ। ପାଚନତନ୍ତ୍ର ଦୁର୍ବଳ ହୋଇ ଖାଦ୍ୟ ହଜମ ହେବାରେ ଅସୁବିଧା ହୋଇଥାଏ।

▶▶ ଖରାଦିନେ ଶରୀର ଗରମ ରହିଥାଏ। ତେବେ ଝାଳ ବୋହୁଥିବା ସମୟରେ ଥଣ୍ଡାପାଣି ପିଇଲେ ଆମ ଶରୀରର ତାପମାତ୍ରା ପରିବର୍ତ୍ତନ ହୋଇଯାଏ,ଯେଉଁଥିପାଇଁ ମୁଣ୍ଡବିନ୍ଧା ହୋଇଥାଏ।

▶▶ ଅଧିକ ଥଣ୍ଡାପାଣି ପିଇବା ଦ୍ୱାରା ଜ୍ୱର ସର୍ଦ୍ଦି ହେବା ସହ ଗଳାରେ ସଂକ୍ରମଣ ଏବଂ ଟନସିଲ୍ ହେବାର ଆଶଙ୍କା ରହିଛି।

▶▶ ବିଶେଷକରି ଖାଇବା ସମୟରେ ଏବଂ ପରେ ପରେ ଥଣ୍ଡାପାଣି ପିଅନ୍ତୁ ନାହିଁ। ଏହାଦ୍ୱାରା ଖାଦ୍ୟନଳୀରେ ସଂକ୍ରମଣ ହେବାର ଆଶଙ୍କା ଅଧିକ ରହିଛି।

▶▶ ଏହା ହାର୍ଟବିଟ୍‌କୁ କମ୍ କରିଦିଏ। ଦାନ୍ତମାଢ଼ିକୁ ଦୁର୍ବଳ କରିଦେବା ସହ ଭେଗାସ୍ ସ୍ନାୟୁକୁ କ୍ଷତି ପହଞ୍ଚାଇଥାଏ।

▶▶ ଖେଳି ସାରି ଆସି ଥଣ୍ଡାପାଣି ପିଇଲେ ଶରୀରର ରୋଗପ୍ରତିରୋଧକ ଶକ୍ତି କମିଯାଏ।

▶▶ ବାହାରୁ ଆସି ୧୫ ମିନିଟ୍ ପରେ ପାଣି ପିଅନ୍ତୁ। କିନ୍ତୁ ଥଣ୍ଡାପାଣି ପିଅନ୍ତୁ ନାହିଁ। ଝାଳ ବୋହିବା କମ୍ ହେଲେ ଥଣ୍ଡାପାଣିରେ ପାଣି ମିଶାଇ ପିଅନ୍ତୁ।

"ପିଲାମାନେ ପାଠ ପଢ଼ିବା ସହ ସଞ୍ଚୟ ବିଷୟରେ ଅବଗତ ହେଲେ ତାହା ସେମାନଙ୍କୁ ଭବିଷ୍ୟତରେ ଅନେକ କ୍ଷେତ୍ରରେ ସାହାଯ୍ୟ କରିବ। ତେବେ ଏହାର ମହତ୍ତ୍ୱ ବିଷୟରେ ସେମାନେ ଭଲ ଭାବରେ ଜାଣିବା ଆବଶ୍ୟକ।"



# ସଞ୍ଚୟ

ସାଧାରଣତଃ ଛୋଟବେଳୁ ପିଲାଙ୍କ ଲାଳନପାଳନ ଦାୟିତ୍ୱ ମାତାପିତାଙ୍କ ଉପରେ ନ୍ୟସ୍ତ ରହିଥାଏ। ସେମାନଙ୍କୁ ସଚ୍ଚୋଟ ହେବା, ପରିଶ୍ରମ ମୂଲ୍ୟକୁ ବୁଝିବା, ଖରାପ ଅଭ୍ୟାସଠାରୁ ନିଜକୁ ଦୂରେଇ ରଖିବା ଆଦି ପିଲାବେଳୁ ଶିଖାଇବା ଆବଶ୍ୟକ। ପିଲାଟି ଦିନରୁ ଏସବୁର ମୂଲ୍ୟକୁ ବୁଝିଲେ ଜୀବନ ଶୃଙ୍ଖଳିତ ହୋଇପାରିବ। ତେବେ ସ୍କୁଲ କ୍ୟାରିୟରବେଳେ କେତେକ ପିଲା ଆବଶ୍ୟକତାଠାରୁ ଅଧିକ ଖର୍ଚ୍ଚ କରିଥାଆନ୍ତି। ଏହି ସମୟରୁ ସେମାନେ ଖର୍ଚ୍ଚକୁ ସୀମିତ ରଖି ଯଦି କିଛି ଟଙ୍କା ସଞ୍ଚୟ କରିପାରିଲେ, ତେବେ ତାହା ସମୟକ୍ରମେ ଅଭ୍ୟାସରେ ପରିଣତ ହୋଇଯାଏ। ଏ କ୍ଷେତ୍ରରେ ମା'ବାପା ସେମାନଙ୍କୁ ଶିଖାଇବା ଦରକାର।

## ପକେଟ୍ ମନି

ଆଜିକାଲି ପ୍ରାୟ ମା'ବାପା ପିଲାଙ୍କୁ ପକେଟ୍ ମନି ଦେଉଛନ୍ତି। ସେମାନେ ଏହାକୁ ଖର୍ଚ୍ଚ କରିବା ସହ ଏଥିରୁ ଯଦି କିଛି ସଞ୍ଚୟ କରିପାରନ୍ତେ, ତେବେ ତାହା ବଡ଼ କଥା। ତେବେ ଏହି ସମୟରେ ସେମାନେ ନିଜର ଅଯଥା ଖର୍ଚ୍ଚ ମାନସିକତାକୁ ବଦଳାଇବାକୁ ପଡ଼ିବ। ଏଭଳି ଅଭ୍ୟାସ ଯଦି ପିଲାଙ୍କର ଅଛି, ତେବେ ତାହାକୁ କିପରି ପରିବର୍ତ୍ତନ ହେବ ସେଥିପ୍ରତି ଧ୍ୟାନ ଦେବା ଦରକାର। ତା' ସହ ପକେଟ୍ ମନିରୁ ସଞ୍ଚୟ କରିବା ଉପାୟ ପିଲାଙ୍କୁ ଶିଖାନ୍ତୁ।

## କୁମ୍ଭି

ପ୍ରତି ନୂଆବର୍ଷ ପ୍ରାରମ୍ଭରେ ପିଲାକୁ ପିଗି ବ୍ୟାଙ୍କ (କୁମ୍ଭି) ଦିଅନ୍ତୁ। ଏପରି କରିବା ଦ୍ୱାରା ପିଲା ନିଜ ଖର୍ଚ୍ଚରୁ ବଳକା ଟଙ୍କା ସଞ୍ଚୟ କରିପାରିବ। ଏହାବ୍ୟତୀତ ପକେଟ୍ ମନିରୁ କିଛି ଟଙ୍କା ସଞ୍ଚୟ କରିବା ମଧ୍ୟ ଶିଖିଯିବ। ଏହିପରି ସେ ଏଣୁତେଣୁ ଜିନିଷ କିଣିବା ବଦଳରେ ଟଙ୍କାକୁ ପିଗି ବ୍ୟାଙ୍କରେ ରଖିବା ଶିଖିଯିବ। ଏହିପରି ପ୍ରତି ବର୍ଷ ସେ ନିଜ ଟଙ୍କାରେ ତା'ର ଆବଶ୍ୟକତା ଅନୁଯାୟୀ କିଛି ଜିନିଷ କିଣିବାରେ ଟଙ୍କା ଯୋଗାଡ଼ ହୋଇପାରିବ। ଏହାଦ୍ୱାରା ସଞ୍ଚୟ ପ୍ରତି ପିଲାର ଆତ୍ମବିଶ୍ୱାସ ବଢ଼ିଥାଏ।

## ଟଙ୍କାର ମହତ୍ତ୍ୱ

ଯେତେବେଳେ ପିଲାକୁ ବିନା ପରିଶ୍ରମରେ ସବୁ ଜିନିଷ ମିଳିଯାଉଛି, ସେ କ୍ଷେତ୍ରରେ ସେ ଟଙ୍କାର ମହତ୍ତ୍ୱ ବୁଝିପାରିବ ନାହିଁ। ସେମାନେ ବଡ଼ ହେବା ସତ୍ତ୍ୱେ ବୁଝିଥା'ନ୍ତି ଯେ ତାଙ୍କର ସବୁ ସଉକ ପୂରଣ କରିବାର ଦାୟିତ୍ୱ କେବଳ ମାତାପିତାଙ୍କର। ଏଥିପାଇଁ ପିଲାଙ୍କୁ ଛୋଟବେଳୁ ଟଙ୍କାର ମହତ୍ତ୍ୱ ବିଷୟରେ ଶିଖାନ୍ତୁ। ପିଲାଟି ଦିନରୁ ସଞ୍ଚୟ ଯେ ଭବିଷ୍ୟତରେ ତା' କାମରେ ଆସିବ ଏଭଳି ଆତ୍ମବିଶ୍ୱାସ ପିଲାଟି ମନରେ ସୃଷ୍ଟି କରନ୍ତୁ।

## ସଞ୍ଚୟରୁ ଫାଇଦା

ପିଲାକୁ ଛୋଟବେଳୁ ଟଙ୍କାର ମହତ୍ତ୍ୱ ବୁଝିଲେ ସେମାନେ ସଞ୍ଚୟ କରିବା ଶିଖିଯିବେ। ଏପରି କରିବା ଦ୍ୱାରା ପରିଶ୍ରମ ଓ ଟଙ୍କା-ଉଭୟର ମୂଲ୍ୟବୋଧ ସେମାନେ ଜାଣିପାରିବେ। ଏଥିପାଇଁ ତାଙ୍କୁ ଛୋଟମୋଟ କାମ ଦେଇ ପୁରସ୍କାର ସ୍ୱରୂପ କିଛି ଟଙ୍କା ଦେଇପାରିବେ। ଏହି ପୁରସ୍କାର ଟଙ୍କାକୁ ଅଯଥା ଖର୍ଚ୍ଚ ନ କରି ଯଦି ସେ ସଞ୍ଚୟ କରିପାରିଲା ତେବେ ତାହା ବଡ କଥା। ଏ ବିଷୟରେ ତାକୁ ଭଲ ଭାବରେ ବୁଝାଇ ଦେଲେ ତାହାର ମହତ୍ତ୍ୱ ସେମାନେ ଜାଣିପାରିବେ।



### ଦେଖିଚାହିଁ ଖର୍ଚ୍ଚ କରିଥାଏ

ସଞ୍ଚୟର ଅର୍ଥ ଦୈନନ୍ଦିନ ଜୀବନରେ ଯେଉଁ ଅର୍ଥ ଖର୍ଚ୍ଚ କରିଥାଉ, ସେହି ଖର୍ଚ୍ଚରୁ ଯଦି କିଛି କିଛି ରଖି ପାରିବା ତେବେ ଏହାକୁ ସଞ୍ଚୟ ବୋଲି କୁହାଯିବ। ଟଙ୍କା ସଞ୍ଚୟ କରିବା ଏକ ଭଲ ଅଭ୍ୟାସ। ଟଙ୍କା ଖର୍ଚ୍ଚ କରିବା ସମୟରେ ଦେଖିଚାହିଁ ଖର୍ଚ୍ଚ କରେ। ଛୋଟବେଳୁ ବାପା ମୋତେ ପକେଟ୍ ମନି ଆକାରରେ ଟଙ୍କା ଦେଉଥିଲେ। ଯେତିକି ଦରକାର ଖର୍ଚ୍ଚ କରୁଥିଲି, ଯାହା ବଳି ପଡୁଥିଲା ତାକୁ ମୋ କୁମ୍ଭିରେ ରଖି ଦେଉଥିଲି। ଏମିତି ମୁଁ ସେଭିଂ କରିବା ଶିଖିଛି।

**-ଇପ୍ସିତା ପରିଡ଼ା**, କ୍ଲାସ୍-୧୦, କନକଦୁର୍ଗା ସରକାରୀ ଉଚ୍ଚ ବିଦ୍ୟାଳୟ, ପିତେଇପୁର, ଜଗତ୍‌ସିଂହପୁର



### ଗୁରୁଜନଙ୍କଠାରୁ ସଞ୍ଚୟ କାଇଦା ଶିଖିଛି

ସଞ୍ଚୟ କରିବାର କାଇଦା ମୋର ଗୁରୁଜନଙ୍କଠାରୁ ଶିଖିଛି। ଆମ ଘରକୁ ଆସୁଥିବା କୁଣିଆ ମୋତେ ଯେଉଁ ଟଙ୍କା ଦେଇଥାନ୍ତି ତାକୁ ପିଗି ବ୍ୟାଙ୍କରେ ରଖେ। ପିଗି ବ୍ୟାଙ୍କରେ ଟଙ୍କା ଫୁଲ୍ ହେବା ପରେ ତାହାକୁ ବାପାଙ୍କୁ ଦେଇଦିଏ। ସେହି ଟଙ୍କାକୁ ସେ ମୋ ବ୍ୟାଙ୍କ ଆକାଉଣ୍ଟରେ ଡିପୋଜିଟ୍ କରିଦିଅନ୍ତି। ମୁଁ ଶୁଣିଛି ଟଙ୍କାକୁ ଯଦି ବ୍ୟାଙ୍କରେ ରଖାଯାଏ, ତେବେ ଆକାଉଣ୍ଟକୁ କିଛି ସୁଧ ଆକାରରେ ଟଙ୍କା ଆସିଥାଏ। ସେଥିପାଇଁ ମୋ ଟଙ୍କାକୁ ଘରେ ନ ରଖି ବ୍ୟାଙ୍କରେ ସେଭିଂ କରୁଛି।

**-ସାଇଶ୍ରୀ ସାହୁ**, କ୍ଲାସ୍-୧୦, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଭୀମଟାଙ୍ଗୀ, ଭୁବନେଶ୍ୱର

































୧



ଏମ୍. ସାହିଲ କୁମାର ଦୋରା
କ୍ଲାସ୍-୭,
ସରକାରୀ ୟୁ.ପି ସ୍କୁଲ, ରାମଗିରି, ଗଜପତି

୨



ଦୀକ୍ଷା ଦେବାଂଶୀ ବରାଳ
କ୍ଲାସ୍- ୪,
କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧,
ଭୁବନେଶ୍ୱର

୩



ଖୁସି ଦଳାଇ
କ୍ଲାସ୍-୮,
ସରକାରୀ ୟୁ.ପି ସ୍କୁଲ, ରାମଗିରି,
ଗଜପତି

୪



ପ୍ରୀତିପ୍ରଭା ବେହେରା
କ୍ଲାସ୍- ୭,
ଲାଲାଜୀ ସରକାରୀ ଏମ୍.ଇ ସ୍କୁଲ,
ସାହାଡା, ଭଦ୍ରକ

୫



ଭବ୍ୟା ସାହୁ
କ୍ଲାସ୍- ୧,
ସେଣ୍ଟ ଜାଭିୟର୍ସ ଇଣ୍ଟରନ୍ୟାଶନାଲ ସ୍କୁଲ, ପଟିଆ,
ଭୁବନେଶ୍ୱର

୬



ଆର୍ଯ୍ୟ ଅଂଶୁମାନ ଦାଶ
କ୍ଲାସ୍- ୫,
କେ.ଏସ୍.ବି ପବ୍ଲିକ ସ୍କୁଲ, ଭିକାରିପଡା,
ଶରଣକୁଳ, ନୟାଗଡ

୭



ପୁଷ୍ପାଞ୍ଜଳି ପ୍ରଧାନ
କ୍ଲାସ୍-୩,
ଆଶ୍ରା ଫାଉଣ୍ଡେସନ୍,
ଭୁବନେଶ୍ୱର

୮



ଅଭିମନ୍ୟୁ ରଏ
କ୍ଲାସ୍- ୪,
ଡିଏଭି ପବ୍ଲିକ ସ୍କୁଲ,
ପୁରୀ

୯



ପ୍ରତୀକ୍ଷା ମହାପାତ୍ର
କ୍ଲାସ୍- ୫,
କେନ୍ଦ୍ରୀୟ ବିଦ୍ୟାଳୟ,
ଜଗତସିଂହପୁର


# ଗିରିଷମ ଆସୁଛି

ଗିରିଷମ ଦିନ ପାଖେଇ ଆସୁଛି
ଆମ୍ବରେ କୋଇଲି ଧରି
ଜଳ ସ୍ତର ତ କମି କମି ଯାଏ
ପୋଖରୀରେ ନାହିଁ ବାରି ।
ରବିଙ୍କର ତେଜ ଅନଳ ପରାଏ
ଶରୀର ଦେଉଛି ପୋଡ଼ି
ପଦାକୁ ଯିବାକୁ ମନ ହୁଏ ନାହିଁ
ଆସୁଥାଏ ଖରା ବଢ଼ି ।
ଘରରୁ ଯେବେ ବି ବାହାର ହୋଇବ
ପାଖରେ ରଖିବ ପାଣି
ଛତା ଗୋଟେ ଭାଇ ସାଙ୍ଗରେ ନେବ
ଥାଅରେ ଏକଥା ଜାଣି ।
ଗଛର ଡାଳରେ ପାତ୍ର ସାହାଯ୍ୟରେ
ରଖିବା ବୁହାଏ ପାଣି
ପକ୍ଷୀମାନେ ସବୁ ଜଳକୁ ପିଇବେ
ଉଡୁଥିବେ କେତେ ବଣି ।
ସଚେତନ ଆମେ ହୋଇବାରେ ଭାଇ
କରିବା ମହତ କାମ
ଗଛ କାଟିବାକୁ ବାରଣ କରିବା
ଅକାଳେ ଗ୍ରାସିବ ନାହିଁଟି ଯମ ।

**– ସୁନୀଲ କୁମାର ପ୍ରଧାନ**
ଝାଟିପଦର, ପାଲୁର, ଗଞ୍ଜାମ
ମୋ: ୭୬୦୯୯୩୪୩୬୬



କ
ବି
ତା



# ଫଳ ରାଜା

ଫଳର ରାଜା ଏ ଆମ୍ବ ଅଟଇ,
କଞ୍ଚା ଥିଲେ ଏହା ଖଟା ଲାଗଇ ।
ଚଟଣୀ କରିକି ପଖାଳ ସାଥେ,
ଖାଇଲେ ଆନନ୍ଦ ଲାଗଇ କେତେ ।
ଚୋପାକୁ ଛଡ଼ାଇ ଗୁଡ଼ ମିଶାଇ,
ଯତନେ ମାଆ ଆଚାର କରଇ ।
ଲଙ୍କା ଗୁଣ୍ଡ, ଲୁଣ ମିଶି ଆମ୍ବରେ,
ଆମ୍ବୁଲ ହୁଏ ଶୁଖିଲେ ଖରାରେ ।
ପାଚିଲା ଆମ୍ବଟି ଆହା କି ମଜା !
ସେଥିପାଇଁ ସେ ତ ଫଳର ରାଜା ।

**– ସନ୍ତୋଷ କୁମାର ଅଦାବର**
ବୀରମହାରାଜପୁର, ସୁବର୍ଣ୍ଣପୁର
ମୋ: ୯୭୭୭୯୧୦୭୨୮

# ସରଗରୁ ଖୁସି ଝରେ

ସେନେହ ଶରଧା ଯା'ପାଖରେ ନାହିଁ
ସେ କୋଉ ମଣିଷେ ଗଣା,
ହିଂସା କପଟକୁ ପେଟରେ ପୂରେଇ
ହୁଏ ଯାହା ବାଟବଣା ।
ପରକୁ ଆପଣା କରିଲେଟି ସିନା
ସରଗରୁ ଖୁସି ଝରେ,
ଭେଦଭାବ ଯେତେ ଚାଲିଯାଏ ଦୂରେ
ମମତାର ବାସ ଭରେ ।
ବିପଦବେଳରେ ସାଥୀ ହେଲେ ସିନା
ବିଭୁଙ୍କ କରୁଣା ମିଳେ,
ଦୁଃଖୀରଙ୍କୀଙ୍କର ସେବା କରିବାରେ
କରିବନି ହେଳା ତିଳେ ।
ଉପକାର ପଛେ ନକରିଲ ନାହିଁ
ଅପକାର କର ନାହିଁ,
ଭଲ ଚିନ୍ତା ଯେବେ ମନେ ନଆସଇ
ମନ୍ଦ ଚିନ୍ତା କାହିଁପାଇଁ ?
ରାଗ ଅହଙ୍କାର କତି ମାଡ ନାହିଁ
ଗରବକୁ କର ପର,
ମିଠାକଥା କହି ସବୁରି ଅନ୍ତରେ
ତୋଳିଦିଅ ଛୋଟ ଘର ।
ମେଳିଦିଅ ଦୁଇ ହାତ ସରାଗରେ
ସଭିଙ୍କୁ କୋଳେଇ ନିଅ,
ଲୁହ ବଦଳରେ ହସର ପରଶ
ଆନ ଓଠେ ଭରିଦିଅ ।

**– ଶରତ କୁମାର ଦାସ**
ବଡବିଲ, କେନ୍ଦୁଝର
ମୋ: ୮୨୪୯୧୩୭୦୯୧

# ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

## ପୁସ୍ତକପ୍ରେମୀ କିଆରା



ପିଲାମାନେ, ବହିର ସୁନ୍ଦର ଚିତ୍ର ଦେଖି ଆମେ ବହି ପ୍ରତି ଆକର୍ଷିତ ହୋଇଥାଉ । ହେଲେ ଜାଣି ଆଶ୍ଚର୍ଯ୍ୟ ହେବ, ତୁମରି ବୟସର ଝିଅଟିଏ ବହି ପଢ଼ି ଗିନିଜ୍ ରେକର୍ଡ଼ କରିଛି । ଭାରତୀୟ ବଂଶୋଭବ କିଆରା କୌର୍ ୬ ବର୍ଷ ବୟସରେ ବହି ପଢ଼ି ଗିନିଜ୍ ରେକର୍ଡ଼ରେ ସ୍ଥାନ ପାଇଛନ୍ତି । ସେ ମାତ୍ର ଏକ ଘଣ୍ଟା ୪୫ ମିନିଟ୍‌ରେ ୩୬ଖଣ୍ଡ ବହି ପଢ଼ି ଏହି ରେକର୍ଡ କରିଛନ୍ତି । ପ୍ରଥମ ଶ୍ରେଣୀରେ ପଢୁଥିବା କିଆରା ବିଭିନ୍ନ କାର୍ଯ୍ୟକ୍ରମରେ ବକ୍ତବ୍ୟ ମଧ୍ୟ ଦିଅନ୍ତି । ନିକଟରେ ମେକ୍ସିକୋରେ ହୋଇଥିବା ଅନ୍ତଃରାଷ୍ଟ୍ରୀୟ ମହିଳା ସପ୍ତାହ ସମାରୋହରେ ମହିଳା ସଶକ୍ତୀକରଣ ବିଷୟରେ ସେ ମତ ରଖିଛନ୍ତି । ୬ ବର୍ଷୀୟା କିଆରା ଇଂଲଣ୍ଡରେ ୱାର୍ଲ୍ଡ ଏକ୍ସପୋକୁ ସମ୍ବୋଧିତ କରି ଗିନିଜ୍ ରେକର୍ଡ ଦ୍ୱାରା ସର୍ବକନିଷ୍ଠ ବକ୍ତା ଭାବେ ମାନ୍ୟତା ପାଇଛନ୍ତି । କିଆରାଙ୍କ ବହିପଢ଼ା ପ୍ରତି ଆଗ୍ରହକୁ ପ୍ରଥମେ ତାଙ୍କ ସ୍କୁଲ ଶିକ୍ଷକ ଜାଣିପାରିଥିଲେ । ତାଙ୍କ ଅଭିଭାବକଙ୍କ କହିବା ଅନୁସାରେ, କିଆରା ଏକାଥରେ ୨୦୦ଖଣ୍ଡ ବହି ପଢ଼ିପାରେ । ଯଦି ନୂଆ ବହି ପଢ଼ିବା ସରିଯାଉଛି, ତେବେ ସେ ପୁଣି ପୁରୁଣା ବହିକୁ ଖୋଲି ପଢ଼ିଥାଏ । ଏଥିପାଇଁ ତାଙ୍କୁ ତାଙ୍କ ଜେଜେବାପା ବେଶି ଉତ୍ସାହିତ କରିଛନ୍ତି । ବହିରେ ଥିବା ଚିତ୍ର ଏବଂ ଶବ୍ଦଗୁଡ଼ିକ ପାଇଁ ସେ ବେଶି ବହି ପଢ଼ିବାକୁ ଭଲ ପାଆନ୍ତି ।



# ଏଥରର

- ଭାରତର ଫ୍ଲାଇଂ ଶିଖ୍ ଭାବେ କିଏ ପରିଚିତ ?
- କେଉଁ ମସିହାରେ ଭାରତ ସର୍ବାଧିକ ଅଲିମ୍ପିକ ମେଡାଲ ପାଇଥିଲା ?
- ଆମ ଦେଶର ସମ୍ବିଧାନ କେତୋଟି ଭାଷାକୁ ସ୍ୱୀକୃତି ପ୍ରଦାନ କରିଛି ?
- ଭାରତର ପ୍ରଥମ ସାଟେଲାଇଟ୍‌ର ନାମ ?
- ଭାରତର ପ୍ରଥମ ହିନ୍ଦୀ ଚଳଚ୍ଚିତ୍ର କେଉଁଟି ?



## ଗତଥରର

- ହରେକୃଷ୍ଣ ମହତାବ
- କଟକ
- ଗୋପୀନାଥ ମହାନ୍ତି
- ବାଲେଶ୍ୱର
- ଉତ୍କଳ ଦୀପିକା



# କହିଲ ଦେଖି

ନାଲି ଟହ ଟହ ରଙ୍ଗଟି ସିଏ
ସଧବା ନାରୀର ସିନ୍ଥିରେ ଥାଏ
ମା' ମଙ୍ଗଳାଙ୍କ ଅଟେ ସେ ପ୍ରିୟ
ନାଲି ନାଲି ଦିଶେ ତାଙ୍କରି ମୁହଁ
ମଥାରେ ଲାଗିଲେ ଦିଶେ ସୁନ୍ଦର
କିଏ ସେ କହିବ ନାମ ତାହାର ।

**ଉ–ସିନ୍ଦୂର**



ଫଗୁଣ ଆସିଲେ ଧରାରେ ହସେ
କି ସୁନ୍ଦର ଆହା ମହକି ବାସେ
ଜାତୀୟ ଫଳର ଫୁଲଟି ସିଏ
ଫୁଲ ବୋଲି ତାକୁ କେହି ନ କୁହେ ।

**ଉ– ଆମ୍ବ ବଉଳ**




ସେ ପରା ଅଟଇ ଏମିତି ଭାତ
ସାରା ଓଡ଼ିଶାରେ ଲଭିଛି ଖ୍ୟାତ ।
ଖରାଦିନେ ତା'ର ବେଶି ଚାହିଦା
ଖାଇଦେଲେ ତାକୁ ମିଳେ ଫାଇଦା ।
ଭାତ ସହ ମିଶ୍ରିତ ହୁଅଇ ପାଣି
ଖାଇଥାଉଁ ତାକୁ ପାଣିରୁ ଛାଣି ।
କେବେ ଦିଆଯାଏ ସେଥିରେ ଛୁଙ୍କ
ଗରିବ ଲୋକର ବୁଝେ ସେ ଦୁଃଖ ।
ସେହି ଦରବକୁ ଖାଇଛି ଯିଏ
ନାମଟି ତାହାର କହିବ ସିଏ ।

**ଉ– ପଖାଳ**



**–ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର, ଉତ୍ତରକୂଳ ହାଟ୍, ଯାଜପୁର
ମୋ: ୮୮୯୨୩୦୧୧୪୩





## ବରଫ ପଡୁଥିବା ମରୁଭୂମି

**ସା**ଧାରଣତଃ ମରୁଭୂମିକୁ ଚାହିଁଲେ ଚାରିଆଡେ କେବଳ ବାଲି ହିଁ ବାଲି । ତା' ସହ ତାପମାତ୍ରା ମଧ୍ୟ ଅଧିକ ରହିଥାଏ । କିନ୍ତୁ ଏଭଳି ଏକ ମରୁଭୂମି ଅଛି ଯେଉଁଠି ବରଫ ପଡିଥାଏ । ହୁଏତ ଏକଥା ଅନେକଙ୍କୁ ଆଶ୍ଚର୍ଯ୍ୟ ଲାଗିପାରେ, ହେଲେ ଏହା ସମ୍ପୂର୍ଣ୍ଣ ସତ । ସମୁଦ୍ର ପତ୍ତନ ଠାରୁ ଏହି ମରୁଭୂମି ବେଶ୍ ଉଚ୍ଚରେ ଅବସ୍ଥିତ ଥିବାରୁ ସେଠାରେ ଥଣ୍ଡା ଅନୁଭୂତ ହୁଏ । ତେଣୁ ଏହାକୁ ବରଫ ମରୁଭୂମି ବା 'ସ୍ନୋ ଡେଜର୍ଟ' ବୋଲି କୁହାଯାଏ । ଠିକ୍ ସେହିଭଳି ଏକ ମରୁଭୂମି କାନାଡାର ୟୁକୋନ୍ ଠାରେ ରହିଛି । ଯେତେବେଳେ ଶୀତ ଋତୁ ଆସିଯାଏ ସେଠାରେ ବରଫ ପଡିଥାଏ । ଏକ ଗ୍ରାମର ନାମାନୁସାରେ ଉକ୍ତ ମରୁଭୂମିକୁ 'କାର୍‌କ୍ରସ୍ ମରୁଭୂମି' ବୋଲି ନାମିତ କରାଯାଇଛି । ଏଠାକାର ତାପମାତ୍ରା ବହୁତ କମ୍ । ବର୍ତ୍ତମାନ ଏହି ମରୁଭୂମିରେ ଖୁବ୍ କମ୍ ସଂଖ୍ୟକ ଲୋକ ବସବାସ କରୁଛନ୍ତି । ଇତିହାସ ଅନୁସାରେ ପ୍ରାୟ ୪୫୦୦ ବର୍ଷ ପୂର୍ବେ ଏହି ମରୁଭୂମିରେ କାରକ୍ରସ ଗ୍ରାମ ଥିଲା । କିନ୍ତୁ ଅତ୍ୟଧିକ ବରଫ ପଡିବା ଯୋଗୁଁ ଜନବସତି ପ୍ରାୟ ଲୋପ ପାଇଯାଇଛି । ଏହି ମରୁଭୂମିକୁ ଦେଖିବାକୁ ଶୀତ ଋତୁରେ ଦେଶ ବିଦେଶରୁ ଅନେକ ପର୍ଯ୍ୟଟକ ଆସିଥାଆନ୍ତି ।

## ବିମାନ ଉପରେ ପଡ଼େନି ବାତ୍ୟା ପ୍ରଭାବ

**ନୀ**ଳ ଆକାଶରେ ବିମାନଟିଏ ଦେଖିଲେ ଭାରି ଖୁସି ଲାଗେ, ନୁହେଁ ? ହେଲେ ଜାଣିଛ, ଏଗୁଡିକ ଆମଠାରୁ କେତେ ଦୂରରେ ଯିବାଆସିବା କରନ୍ତି । ଏହି ଦୂରତା ହେଉଛି ପାଖାପାଖି ୧୦-୧୫ ହଜାର ଫୁଟ । କିନ୍ତୁ ଯାତ୍ରୀବାହୀ ବିମାନ ଭୂମିଠାରୁ ୪୦,୦୦୦ ଫୁଟ କିମ୍ବା ତା'ଠୁ ଅଧିକ ଦୂରରେ ଉଡିଥାଏ । ତେବେ ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ କାହିଁକି ଏତେ ଉଚ୍ଚରେ ବିମାନଟି ଉଡ଼ିଥାଏ ? ଏହା ପଛରେ ବୈଜ୍ଞାନିକ କାରଣ ରହିଛି । ବହୁତ ଉଚ୍ଚରେ ବାୟୁ କଣିକା ଅଧିକ ଥାଏ, କିନ୍ତୁ ପବନର ବେଗ କମ୍ ଥାଏ । ଏମିତିରେ ବିମାନଟି ତା'ର ସମ୍ପୂର୍ଣ୍ଣ କ୍ଷମତା ଅନୁଯାୟୀ ଉପରକୁ ସହଜରେ ଉଡ଼ିପାରେ । ଫଳରେ ଏହାଦ୍ୱାରା ତାହାର ମାଇଲେଜ୍ ବି ବଢ଼ିଯାଏ । ଏତେ ଉଚ୍ଚରେ ଉଡ଼ିବା ଦ୍ୱାରା କୌଣସି ଚଢ଼େଇ ସହଜରେ ସେହି ସ୍ଥାନରେ ପହଞ୍ଚି ପାରୁ ନ ଥିବାରୁ ବିମାନଟି ନିରାପଦରେ ଉଡ଼ିବାରେ ସକ୍ଷମ ହୋଇଥାଏ । ସବୁଠାରୁ ଖାସ୍ କଥା ହେଲା, ଏତେ ଉଚ୍ଚରେ ଉଡୁଥିବା ଯୋଗୁଁ ବିମାନ ଉପରେ ବାତ୍ୟାର ପ୍ରାୟ ପ୍ରଭାବ ପଡି ନ ଥାଏ । ହେଲେ ବାତ୍ୟା ସମୟରେ ସୁରକ୍ଷା ଦୃଷ୍ଟିରୁ ବିମାନ ଉଠିବା ଏବଂ ଅବତରଣ କରିବା ପ୍ରଭାବିତ ହେବାର ଆଶଙ୍କା ଥିବାରୁ ଚଳାଚଳକୁ ବନ୍ଦ ରଖାଯାଏ ।





## ରହସ୍ୟମୟ ସୁନା ପାହାଡ଼

**ଆ**ମେରିକାର ଆରିଜୋନ୍ ଠାରେ ଏକ ରହସ୍ୟମୟ ପାହାଡ ଅଛି । ବର୍ତ୍ତମାନ ମଧ୍ୟ ସ୍ଥାନୀୟ ଲୋକ ବିଶ୍ୱାସ କରନ୍ତି ଯେ, ଏହି ପାହାଡରେ ସୁନା ଭରି ରହିଛି । ତେଣୁ ମାଗଣାରେ ସୁନା ପାଇବା ଲୋଭରେ ଅନେକ ଲୋକ ଏଠାରେ ଚେଷ୍ଟା ଚଳାଇ ଜୀବନ ମଧ୍ୟ ହରାଇଛନ୍ତି । କାରଣ ଖରାଦିନେ ଏହି ପାହାଡର ତାପମାତ୍ରା ବେଶ୍ ଅଧିକ ରହୁଥିବା ବେଳେ ଶୀତଦିନେ ଏଠାରେ ପ୍ରବଳ ଥଣ୍ଡା ଅନୁଭୂତ ହୋଇଥାଏ । ଏହାବ୍ୟତୀତ ଆଉ ଏକ କାରଣ ହେଉଛି ଏଠାକୁ ସୁନା ପାଇବା ଆଶାରେ ଆସୁଥିବା ଅନେକ ଲୋକ ଉକ୍ତ ରହସ୍ୟମୟ ପାହାଡ ଚାରିପଟେ ବୁଲି ବାଟବଣା ହୋଇ ଫେରିପାରନ୍ତି ନାହିଁ । ତଥାପି ଲୋଭରେ ଲୋକମାନେ ସେଠାକୁ ସୁନା ଖୋଜିବାକୁ ଯାଉଥିବାରୁ ବର୍ତ୍ତମାନ ସ୍ଥାନୀୟ ସରକାର ଏହି ପାହାଡକୁ 'ନିଷିଦ୍ଧାଞ୍ଚଳ' ଭାବରେ ଘୋଷଣା କରିଛନ୍ତି । ଏପରିକି ସେଠାରେ ଲଗାଯାଇଥିବା ଏକ ବୋର୍ଡରେ ଉଲ୍ଲେଖ କରାଯାଇଛି ଯେ, 'ଏଠାରେ ସୁନା ଖୋଜିବା ବେଆଇନ୍' । ତଥାପି ଲୋକମାନେ ତାହାକୁ ଖାତିର ନ କରି ସୁନା ଖୋଜି ନିଜ ଜୀବନ ହରାଉଥିବାର ଜଣାପଡିଛି ।



## ମାଛି ଗୋଡ଼କୁ କାହିଁକି ରଗଡ଼େ

**ମା**ଛି ଏଭଳି ଏକ କୀଟ ଯାହା ଅନେକ ରୋଗର ବାହକ ସାଜିଥାଏ । ଏହା ପ୍ରାୟତଃ ସବୁ ସ୍ଥାନରେ ଦେଖିବାକୁ ମିଳିଥାଏ । ମାଛିକୁ ନେଇ ଏକ ରୋଚକ କଥା ରହିଛି । ଏମାନେ ଯେଉଁଠି ବସନ୍ତି ସେଠାରେ ନିଜ ଗୋଡକୁ ରଗଡି ଥାଆନ୍ତି । ଏହାଦ୍ୱାରା ସେମାନେ ନିଜକୁ ପରିଷ୍କାର ରଖିଥାଆନ୍ତି । ପ୍ରାୟ ଅପରିଷ୍କାର ସ୍ଥାନରେ ବସୁଥିବା ମାଛି ଖାଦ୍ୟ ପଦାର୍ଥ ଉପରେ ବସି ପଡିଲେ ସେମାନେ ଗୋଡ ରଗଡିବା ଦ୍ୱାରା ସେଥିରେ ଲାଗିଥିବା ଅପରିଷ୍କାର ଜିନିଷ ଖାଦ୍ୟ ପଦାର୍ଥରେ ମିଶି ଏହାକୁ ବିଷାକ୍ତ କରିଥାଏ । ଏକ ଗବେଷଣାରୁ ଜଣାପଡିଛି ଯେ, ମାଛିମାନେ ଗୋଡ ରଗଡିବା ଦ୍ୱାରା ସେମାନେ ନିଜକୁ ସତର୍କ ରଖିଥାଆନ୍ତି । ଯେହେତୁ ଏମାନଙ୍କର ଜୀବନକାଳ ମାତ୍ର କେତୋଟି ସପ୍ତାହରେ ସୀମିତ ତେଣୁ ସେମାନଙ୍କ ଉପରେ ଗବେଷଣା କରିବା ସହଜ । ମାଛିମାନଙ୍କର ପାଟି ସ୍ପଞ୍ଜ ପରି ଏବଂ ଜିଭ ଏକ ଷ୍ଟ୍ର' ପରି ହୋଇଥାଏ । ତେଣୁ ସେମାନେ ନିଜର ଖାଦ୍ୟକୁ ଶୋଷି ନିଅନ୍ତି । ଅନ୍ୟପକ୍ଷରେ ଏଥିପାଇଁ ସେମାନେ କାହାକୁ କାମୁଡ଼ି ପାରନ୍ତି ନାହିଁ । ସେଥିପାଇଁ ସେମାନେ ତରଳ ଖାଦ୍ୟ ହିଁ ଖାଇଥାଆନ୍ତି । ଏମାନଙ୍କ ଲାଳରେ ବହୁତ ଜୀବାଣୁ ରହିଥା'ନ୍ତି । ଏମାନେ ଯେଉଁ ଖାଦ୍ୟ ଉପରେ ବସିଲେ ତାକୁ ପ୍ରଦୂଷିତ କରିଥାନ୍ତି ଏବଂ ସେଭଳି ଖାଦ୍ୟ ଆମେ ଖାଇଲେ ରୋଗରେ ପଡିଥାଉ ।

# ଆଇନା



ପ୍ରିନ୍ସୀ ପାତ୍ର
୧୧ବର୍ଷ, ବ୍ରହ୍ମପୁର



ଅନନ୍ୟା ପରିଡ଼ା
୮ ବର୍ଷ, ଭୁବନେଶ୍ୱର